## ପଡ଼ୋଶୀଙ୍କ ଆକ୍ରମଣରେ ଯୁବକ ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ବ୍ରାହ୍ମଣୀ ଦେଓ ଗ୍ରାମର ପଡ଼ୋଶୀଙ୍କ ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ଅନନ୍ତ ନାଏକ(୧୮)। ଗ୍ରାମର କ୍ଷୀରୋଦ ନାଏକଙ୍କ ଘରେ ପଣ୍ଡାପଡ଼ା ଥାନା ଅଞ୍ଚଳର ତାଙ୍କ ସମ୍ପର୍କୀୟ ଯୁବତୀ ରହି ପାଠ ପଢୁଛନ୍ତି। ଉକ୍ତ ଯୁବତୀଙ୍କୁ ପ୍ରେମ କରୁଥିବା ଜନୈକ ଯୁବକଙ୍କୁ ଅନନ୍ତ ସହଯୋଗ କରୁଥିବା ସନ୍ଦେହରେ କ୍ଷୀରୋଦ ଶନିବାର ଘରେପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଅନନ୍ତଙ୍କ ମୁଣ୍ଡ ଫାଟି ଯାଇଛି। ଅଭିଯୋଗ ପରେ ପାଟଣା ଥାନାରେ (ନଂ.୬୦/୨୩)ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ରୂପ୍ସା,୯।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୂପ୍ସା ଥାନା ଅଧୀନ ରୂପ୍ସା ସାମିଲ ହସନପୁର ଗାଁ ନିକଟ ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା କେନ୍ଦୁଡାଙ୍ଗିରି ନୁଆସାହି ଗ୍ରାମର ଶିବ ସିଂ (୩୮)। ସେ ଗୁଜୁରାଟରେ ରହି କାମ କରି ଜୀବିକା ନିର୍ବାହ କରୁଥିଲେ। ୮ ଦିନ ହେବ ସେ ଘରକୁ ଆସିଥିଲେ। ଦୁଇ ଦିନ ଧରି ସେ ନିଖୋଜ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ରବିବାର ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ସିଂଲା ଥାନା ଅଞ୍ଚଳର ଚନ୍ଦନ ପାତ୍ର ଏହି ପୋଖରୀକୁ ଲିଜ୍ ସୂତ୍ରରେ ନେଇ ମାଛ ଚାଷ କରି ଆସୁଛନ୍ତି। ମୃତ ଯୁବକଙ୍କ ୨ ଝିଅ ଓ ଜଣେ ପୁଅ ଅଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଜଗତେଶ୍ୱର ମନ୍ଦିର ବାର୍ଷିକୋତ୍ସବ

ଧାମନଗର, ୯।୪ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଥିବା ଜଗତେଶ୍ୱର ମନ୍ଦିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ସ୍ଥାନୀୟ ବୈତରଣୀ ନଦୀରୁ ଘଟ ଉତ୍ତୋଳନ କରି ଏକ ଶୋଭାଯାତ୍ରାରେ ପ୍ରତିଷ୍ଠା ସ୍ଥଳକୁ ଆଣିଥିଲେ। ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ଯଜ୍ଞ ଅଧିବାସ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ବ୍ରାହ୍ମଣ ପୂଜା, ଜଗତେଶ୍ୱରଙ୍କ ରୁଦ୍ରାଭିଷେକ, ବଡ଼ସିଂହାର ବେଶ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାକର୍ତ୍ତା ଭାବେ ସନ୍ଧ୍ୟାରାଣୀ ଆନ୍ଦିଆ ଓ ଦେବେନ୍ଦ୍ର ଆନ୍ଦିଆ, ବୃନ୍ଦାବତୀ ପାତ୍ର ଓ ଗଙ୍ଗାଧର ପାତ୍ର, ପାର୍ବତୀ ମାଣିକ ଓ ଅକ୍ଷୟ ଆନ୍ଦିଆ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ଭାବେ ଆଚାର୍ଯ୍ୟ ରବିନାରାୟଣ ଦୀକ୍ଷିତ, ପୁସ୍ତକାଚାର୍ଯ୍ୟ ହରି ଶଙ୍କର ଦୀକ୍ଷିତ, କ୍ଷୀରୋଦ କୁମାର ଦୀକ୍ଷିତ, ସମିଧ ଆଚାର୍ଯ୍ୟ ଦୁର୍ଗା ଶଙ୍କର ଦୀକ୍ଷିତ ଓ ଚରୁ ଆଚାର୍ଯ୍ୟ ଆନନ୍ଦ ଚନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ବାଲିପାଟଣା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦ ଜବତ, ଜଣେ ଗିରଫ

କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ଚଢ଼ାଉ

ସୋର,୯।୪(ଡି.ଏନ.ଏ.)- କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, କଟକ ୟୁନିଟ -୨ ପକ୍ଷରୁ ଶନିବାର ପୂର୍ବାହ୍ନରେ ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ଜାମୁଝାଡ଼ି ଛକ ନିକଟରେ ଚଢ଼ାଉ କରାଯାଇ ଏକ ବାଇକ୍ ସହ ବିଦେଶୀମଦ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ସିମୁଳିଆ ଥାନା ପ୍ରତାପପୁର ଗ୍ରାମର ଗଜେନ୍ଦ୍ର ବାରିକ। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରଜତ ପ୍ରହରାଜଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରତାପଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜାମୁଝାଡ଼ିରୁ ବାସୁଦେବପୁର ଅଭିମୁଖେ ଆସୁଥିବା ହିରୋ ସ୍ପ୍ଲେଣ୍ଡର ପ୍ରୋ ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୨୦ ବୋତଲ ବିଦେଶୀମଦ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏହି ଚଢ଼ାଉରେ ଏସ୍ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ,ଏଏସ୍ଆଇ ଆଲୋକ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ୮ ଶ୍ରେଣୀକୁ ୪ କକ୍ଷ

**ଅବ୍ୟବସ୍ଥାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ପାଳିକରି ବାରଣ୍ଡାରେ ବସୁଛନ୍ତି
- ପାନୀୟ ଜଳ ସମସ୍ୟା ଉତ୍କଟ

କୋଡ଼ପଡ଼ା,୯।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବହୁ ସମସ୍ୟା ଘେରରେ ରହିଛି। ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ରମାନେ ପାଳିକରି ଶ୍ରେଣୀ କକ୍ଷରେ ବସୁଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ଘସିପୁରା ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଅଦ୍ୟାବଧି ଶ୍ରେଣୀ ଗୃହ ନିର୍ମାଣ ହୋଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୧୯୫୭ରେ ସ୍ଥାପିତ ଏହି ବିଦ୍ୟାଳୟଟି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୩୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୮ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ମାତ୍ର ୪ ଶ୍ରେଣୀ ଗୃହ ରହିଛି। ଦୀର୍ଘଦିନ ଧରି ଶ୍ରେଣୀଗୃହ ଅଭାବରୁ ଶୀତ, ବର୍ଷା, ଖରାରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି।



ସ୍କୁଲ ବାରଣ୍ଡାରେ ପାଠପଢ଼ା ଚାଲିଛି।

ପାଳିକରି ପିଲାମାନେ ଶ୍ରେଣୀ କକ୍ଷରେ ବସୁଛନ୍ତି। ସେହିପରି ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଶୌଚାଳୟ ଥିଲେ ମଧ୍ୟ ପାଣିର ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ଶୌଚ ପାଇଁ ଘରକୁ ଯାଉଛନ୍ତି। ବିଦ୍ୟାଳୟର ଚତୁର୍ପାଶ୍ୱରେ ଉଚ୍ଚ ପ୍ରାଚୀର ନ ଥିବାରୁ ବୁଲା କୁକୁର ସହ ଗୋରୁ ଅବାଧରେ ବିଦ୍ୟାଳୟରେ ପ୍ରବେଶ କରୁଥିବାର ଦେଖାଯାଇଛି। ମୁଖ୍ୟ ସମସ୍ୟା ଭାବେ ଶ୍ରେଣୀଗୃହ ଅଭାବ ଯୋଗୁ ବହୁ ଅଭିଭାବକ ବାଧହୋଇ ଅନ୍ୟ ବିଦ୍ୟାଳୟରେ ପିଲାଙ୍କ ନାମ ଲେଖାଉଥିବା ପ୍ରକାଶ କରିଛନ୍ତି। ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ସାହୁଙ୍କୁ ପଚରାଯିବାରୁ ଅସୁବିଧା ନେଇ ସେ ଘସିପୁରା ବିଡିଓଙ୍କ ସହ ଯୋଗାଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ଘସିପୁରା ବିଇଓ ତପୋଧନ ସ୍ୱାଇଁ କହିଛନ୍ତି, ବର୍ତ୍ତମାନ ସର୍ବଶିକ୍ଷା ଅଭିଯାନ ତରଫରୁ ଗୃହ ନିର୍ମାଣ ପାଇଁ ଟଙ୍କା ଆସୁନାହିଁ। ସ୍ଥାନୀୟ ପଞ୍ଚାୟତକୁ ଉକ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବାରୁ ଏନେଇ ସରପଞ୍ଚଙ୍କୁ ଅବଗତ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ବାରଣ୍ଡାରେ ଚାଲିଛି ପାଠପଢ଼ା

### ବାଉଁଶ ଢେରାରେ ରହିଛି ଛପରର ମୁଖ୍ୟ କାଠ

ଚମ୍ପୁଆ,୯।୪(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ବୀରଧନୁର୍ଯ୍ୟପୁର ନାରାୟଣ ଶାସନଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଭଗ୍ନ ଅବସ୍ଥାରେ ରହିଛି। କୌଣସି ସମୟରେ ଦୁର୍ଘଟଣା ଘଟିପାରେ। ପିଲାଙ୍କ ସୁରକ୍ଷାକୁ ନଜରରେ ରଖି ଶିକ୍ଷୟିତ୍ରୀମାନେ ପିଲାଙ୍କୁ ବାରଣ୍ଡାରେ ବସାଇ ପାଠ ପଢ଼ାଉଥିବା ଦେଖାଯାଉଛି। ପ୍ରକାଶ ଯେ, ବିଦ୍ୟାଳୟ ୧୯୭୨ ମସିହାରେ ନିର୍ମିତ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୭ ଛାତ୍ରୀଛାତ୍ରଙ୍କୁ ଏଠାରେ ଶିକ୍ଷାଦାନ କରାଯାଉଛି। ଏଠାରେ ଥିବା ୨ ଶ୍ରେଣୀଗୃହର ଛପରର ମୁଖ୍ୟ କାଠକୁ ବାଉଁଶ ଢେରାଦେଇ ରଖାଯାଇଛି। ଯେକୌଣସି ମୁହୂର୍ତ୍ତରେ ଏହା ବିପଦକୁ ନିମନ୍ତ୍ରଣ ଦେବା ସମ୍ଭାବନା ରହିଛି। ଫଳରେ ବିଦ୍ୟାଳୟ ପକ୍ଷରୁ ଉକ୍ତ ଦୁଇ ଗୃହକୁ ବନ୍ଦ କରାଯାଇ ବାରଣ୍ଡାରେ ଶିକ୍ଷାଦାନ କରାଯାଉଛି। ଅଫିସ ଗୃହକୁ ଷ୍ଟୋର ରୁମ୍ ଭାବେ ବ୍ୟବହାର ହେଉଛି। ଏଥିପ୍ରତି ଏନ୍ଏସିର ନଜର ନ ପଡ଼ିବା ପରିତାପର ବିଷୟ । ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ କହିଛନ୍ତି, ଏ ସମ୍ପର୍କରେ ଡିପିସିଙ୍କୁ ଅବଗତ କରାଯାଇ ନୂତନ ଘର ପାଇଁ ଅନୁରୋଧ କରିଛୁ। ବର୍ତ୍ତମାନ ନିକଟରେ ଥିବା ପରିଚୟ ଗୃହରେ ଶିକ୍ଷାଦାନ ପାଇଁ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଥିଲେ।



ବାରଣ୍ଡାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ।

## ରାସ୍ତାରେ ବୁଲୁଛନ୍ତି ଝାଡ଼ଖଣ୍ଡୀ ହାତୀପଲ



ଦରଖୋଲି-ବାଉଁଶୁଳି ଗ୍ରାମ ରାସ୍ତାରେ ହାତୀପଲ।

ମୋରଡ଼ା, ୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜରେ ବର୍ଷତମାମ ହାତୀ ଉପଦ୍ରବ ଦେଖିବାକୁ ମିଳୁଛି। ପ୍ରଶାସନ ଏହାକୁ ରୋକିବାରେ ବିଫଳ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ରବିବାର ସନ୍ଧ୍ୟାରେ ଏହି ରେଞ୍ଜ ଅଧୀନ ରାସଗୋବିନ୍ଦପୁର ବ୍ଲକର ଗାଁଅମର୍ଦା ପଞ୍ଚାୟତର ଦରଖୋଲି-ବାଉଁଶୁଳି ଗ୍ରାମ ରାସ୍ତାରେ ୨୫ରୁ ଉର୍ଦ୍ଧ୍ୱ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ହାତୀପଲକୁ ଦେଖି ରାସ୍ତାରେ ଯାଉଥିବା ଯାତ୍ରୀମାନେ ବାଇକ୍ ଓ ସାଇକେଲ ଛାଡ଼ି ଭୟରେ ଦୌଡ଼ି ପଳାଇଥିଲେ। ଖବର ଲେଖା ହେବା ସୁଦ୍ଧା ହାତୀପଲ କୌଣସି କ୍ଷୟକ୍ଷତି କରି ନ ଥିବା ସୂଚନା ମିଳିଛି। ଏନେଇ ରାସଗୋବିନ୍ଦପୁର ରେଞ୍ଜର ମହାବୀର ସିଂ ମୁର୍ମୁ କହିଛନ୍ତି, ଏହି ରେଞ୍ଜକୁ ମୋଟ ୪୫ଟି ହାତୀ ପ୍ରବେଶ କରିଥିବା ବେଳେ ରବିବାର ୨୫ଟି ଗାଁଅମର୍ଦା ପଞ୍ଚାୟତରେ ଓ ଅନ୍ୟ ୨୦ ହାତୀ ନଳଗଜା ପଞ୍ଚାୟତରେ ଅଛନ୍ତି। ବନ ବିଭାଗର ୩ଟି ଟିମ୍ ହାତୀପଲ ଉପରେ ନଜର ରଖିଛନ୍ତି।

## ଶିମିଳିପାଳ ଜଙ୍ଗଲରୁ ୨ ଶିକାରୀ ଗିରଫ

ଠାକୁରମୁଣ୍ଡା,୯।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କେଶଡ଼ିହା ଫରେଷ୍ଟ ବିଟ ଅଧୀନ ଶିମିଳିପାଳ ଜଙ୍ଗଲରୁ ରବିବାର ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ଶିକାରୀମାନେ ହେଲେ ଠାକୁରମୁଣ୍ଡା ନିକଟ ଧନୁଆଁବାଲିପୋସି ଗ୍ରାମର ସନ୍ତୋଷ ମହାନ୍ତ ଓ ବେତଝରୀ ଗ୍ରାମର ଡମନ ହେମ୍ବ୍ରମ। ସେମାନଙ୍କର ନିକଟରୁ ଶିକାର ପାଇଁ ବ୍ୟବହୃତ ସାମଗ୍ରୀକୁ ବିଭାଗ ଜବତ କରିଛି।
ସୂଚନା ଅନୁଯାୟୀ, କେଶଡ଼ିହା ଫରେଷ୍ଟ ବିଟ୍ ଅନ୍ତର୍ଗତ ଶିମିଳିପାଳ ସଂଲଗ୍ନ ମିଟୁଆଣି ସଂରକ୍ଷିତ ଜଙ୍ଗଲ ଭିତରକୁ ଶିକାର ଉଦ୍ଦେଶ୍ୟରେ ୨ ଶିକାରୀ ଯାଉଥିଲେ। ଖବର ପାଇ କେଶଡ଼ିହା ଫରେଷ୍ଟର ସିଙ୍ଗରାୟ ପୂର୍ତ୍ତି, ତପନ ମହାନ୍ତ, ଫରେଷ୍ଟ ଗାର୍ଡ ମନୋଜ ବେହେରା, ଟିପିଏଫ କର୍ମୀମାନେ ପହଞ୍ଚି ଶିକାରୀଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଶିକାର ପାଇଁ ବ୍ୟବହୃତ ତାରରେ ତିଆରି ୨ ଫାସ, ଧନୁ ତୀର, କୁରାଢ଼ି, ଗୋଟିଏ ସାଇକେଲ ଜବତ କରି ଠାକୁରମୁଣ୍ଡା ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କୁ ପଚରାଉଚରା ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଗିରଫ ଅଭିଯୁକ୍ତ।

## କନ୍‌ଷ୍ଟେବଲଙ୍କୁ ମରଣାନ୍ତକ ଆକ୍ରମଣ

- ୨ ଭାଇ ଗିରଫ
- ପାରିବାରିକ କଳହ ସମାଧାନ କରିବାକୁ ଯାଇଥିଲେ

ରୂପସା,୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଫାଣ୍ଡି ଅଞ୍ଚଳରେ ପାରିବାରିକ ଗଣ୍ଡଗୋଳ ସମାଧାନ କରିବାକୁ ଯାଇ ଜଣେ କନଷ୍ଟେବଲ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। କାଠ ଫାଳିଆ ମାଡ଼ରେ ତାଙ୍କ ମୁଣ୍ଡ ଫାଟିବା ସହ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ଦୁଇ ଭାଇଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସାର୍ଥା ଗ୍ରାମର ବୈରାଗୀ ଦଳେଇ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ବୈରାଗୀ ତାଙ୍କ ସ୍ତ୍ରୀଙ୍କୁ ଏକ ଠେଙ୍ଗାରେ ନିସ୍ତୁକ ପିଟିବା ପରେ ସେ ଜୀବନ ବଞ୍ଚାଇବା ପାଇଁ ସାର୍ଥା ଫାଣ୍ଡିକୁ ଦୌଡ଼ ଆସିଥିଲେ। ଘଟଣା ସମ୍ପର୍କରେ ବୁଝାଶୁଝା କରିବା ପାଇଁ ସଂଗେସଂଗେ କନଷ୍ଟେବଲ ଅଜୟ ସିଂ ଜଣେ ଗ୍ରାମରକ୍ଷୀଙ୍କ ସହ ବୈରାଗୀଙ୍କ ଘରକୁ ଯାଇଥିଲେ। ଆପୋଷ ସମାଧାନ ପାଇଁ କଥାବାର୍ତ୍ତା ହେଉଥିବା ବେଳେ ବୈରାଗୀ କନଷ୍ଟେବଲ ସିଂଙ୍କୁ ଆକ୍ରମଣ କରିଥିଲେ। ଏକ କାଠ ଫାଳିଆରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ସିଂଲା ଥାନାରେ ରବିବାର ଏକ ମାମଲା (ନଂ.୬୪/୨୩) ରୁଜୁ ହୋଇଛି। ପୋଲିସ ଚଢ଼ାଉ କରି ଅଭିଯୁକ୍ତ ଦୁଇ ଭାଇ ବୈରାଗୀ ଦଳେଇ ଓ ବସନ୍ତ ଦଳେଇଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।



ଚିକିତ୍ସାଧୀନ କନଷ୍ଟେବଲ।

## ଟ୍ରକ୍ ତଳେ ପଶିଗଲା କାର୍, ୪ ଗୁରୁତର



ଭଦ୍ରକ ଅଫିସ, ୯।୪

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥରେ ଶନିବାର ରାତିରେ ଏକ କାର୍ ଟ୍ରକ୍ ତଳେ ପଶିଯିବାରୁ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କାର୍ ଡ୍ରାଇଭର ସମେତ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଅନ୍ୟ ଗାଡ଼ିରେ ବାଲେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ନମ୍ବର ଥିବା କାର୍ (ଜେଏଚ୍ ୧୦ ବିଜେଡ୍ ୪୬୦୫) ଓ ଏକ ଟ୍ରକ୍ ବାଲେଶ୍ୱର ଆଡ଼କୁ ଯାଉଥିଲେ। ଭଦ୍ରକ ରାଣୀତାଲ ନିକଟରେ କାର୍‌ଟି ଆଗରେ ଯାଉଥିବା ଟ୍ରକ୍ ତଳେ ପଶିଯାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି କ୍ରେନ ସାହାଯ୍ୟରେ ଟ୍ରକ୍ ତଳୁ କାର୍‌କୁ ବାହାର କରିବା ପରେ ଦୁଇ ଗାଡ଼ିକୁ ଜବତ କରିଛି।

## ଭୁବନେଶ୍ୱର ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଢେଙ୍କିକୋଟ/କେନ୍ଦୁଝର, ୯।୪(ଡି.ଏନ.ଏ/ସ୍ୱ.ପ୍ର.)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ରବିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଡ଼ା ବଡ଼ବିଲ ଗସ୍ତରେ ଯାଉଥିବାବେଳେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଢେଙ୍କିକୋଟ ଜାତୀୟ ରାଜପଥ ନଂ. ୨୦ ସନ୍ନିକଟ ଦଳେଇସାହି ରାମ ନବମୀ ମହୋତ୍ସବ କମିଟିର ସଭାପତି ରାଜକିଶୋର ସାହୁ, ସମ୍ପାଦକ ମକରଧଜ ସାହୁ ସମେତ ଶତାଧିକ ମହିଳା ଓ ପୁରୁଷ ରାମ ନବମୀ ପୂଜା ମଣ୍ଡପସ୍ଥିତ ହନୁମାନଙ୍କ ନିକଟକୁ ପାଛୋଟି ନେଇଥିଲେ। ଏହି ସମୟରେ ଅଞ୍ଚଳର ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏଥିସହ ଆସନ୍ତା ୧୪ ତାରିଖ ମହା ବିଷୁବ ପଣାସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ ଝଣ୍ଡା ଶୋଭାଯାତ୍ରାରେ ଯୋଗଦେବାକୁ ଏମ୍‌ପିଙ୍କୁ ନିମନ୍ତ୍ରଣ କରାଯାଇଥିବା କମିଟିର ସମ୍ପାଦକ ମକରଧ୍ୱଜ ସାହୁ ପ୍ରକାଶ କରିଛନ୍ତି। ସେହିପରି କେନ୍ଦୁଝର ଜିଲା ଭାଜପା ସଦସ୍ୟମାନେ ଓ କେନ୍ଦୁଝର ମ୍ୟୁନିସିପାଲଟିର ଭାଜପା କାଉନ୍‌ସିଲର ପୁରୁଣା ବଜାରସ୍ଥିତ ସିଦ୍ଧମଠଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ରାମ ନବମୀ ମହୋତ୍ସବ କମିଟି ସଦସ୍ୟମାନେ।

ପୌରପାଳିକା ଅଧକ୍ଷା ନିକୁ ସାହୁଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। ଭାଜପାର ବରିଷ୍ଠ ସଦସ୍ୟ ଇଂ ଅଜୟ ସାହୁଙ୍କ ନେତୃତ୍ୱରେ ଅଶ୍ୱିନୀ ପଟ୍ଟନାୟକ, ପ୍ରଭୁପାଦ ମିଶ୍ର, ଅନ୍ତର୍ଯ୍ୟାମୀ ପତି, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ନଗର ମଣ୍ଡଳ ଯୁବମୋର୍ଚ୍ଚାର ସଭାପତି ପ୍ରିୟବ୍ରତ ଜେନା, ଅସିତନନ୍ଦନ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ଲୋକକଳା ଓଡ଼ିଆ ସଂସ୍କୃତି, ପରମ୍ପରାର ବାର୍ତ୍ତାବହ'

**ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ବାର୍ଷିକ ସମ୍ମିଳନୀ**

ବାସୁଦେବପୁର,୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ମହାଦେବ ମନ୍ଦିର ସାମ୍ନାରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ୭ମ ବାର୍ଷିକ ସମ୍ମିଳନୀ ସହ ଦୁଇଦିବସୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସଙ୍ଗୀତ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ସୁବକ୍ତା ସୁବାସ ଚନ୍ଦ୍ର ମଲିକ ଯୋଗଦେଇ ସମ୍ମିଳନୀ ଓ ଲୋକକଳା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଲୋକକଳାର ସ୍ୱାତନ୍ତ୍ର୍ୟତା ଅଛି। ଏହା ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ। ସେହିପରି ପାଲା ହେଉଛି ଏକ ବିଦଗ୍ଧ ସାହିତ୍ୟ। ଏହା ସମାଜକୁ ଠିକ୍ ମାର୍ଗଦର୍ଶନ ଦେଇଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ କବି ରତ୍ନାକର ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଡ. ପ୍ରତାପ ଚନ୍ଦ୍ର ନାୟକ, ବରିଷ୍ଠ ପାଲାକାର ନୀଳକଣ୍ଠ ପାତ୍ର, ବନବିହାରୀ ସାହୁ, ପାର୍ଥସାରଥି ବାରିକ ଏବଂ ଅନ୍ୟତମ ବକ୍ତା ଭାବେ ମହାଦେବ କମିଟି ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ସଭାପତି ସନାତନ ପୁରୀ। ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ କପିଳନାଥ ଶର୍ମା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ଲୋକକଳା ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଗାୟକ ଅମୂଲ୍ୟରତ୍ନ ସାହୁ, ରମାକାନ୍ତ ନାୟକ, ରେବତୀନାଥ ଶର୍ମା ପ୍ରମୁଖ ପାଲା ପରିବେଷଣ କରିଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ୩ ଗାୟକ ଓ ୩ ପାଲା ସଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।




ପାଲା କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## '୫୦ବର୍ଷ ପରେ ବାର୍ଦ୍ଧକ୍ୟ ଭତ୍ତା ମିଳୁ'

**ରିକ୍ସାଚାଳକ ସଂଘର ସମ୍ମିଳନୀ**

ବାଲେଶ୍ୱର ଅଫିସ,୯।୪

ବାଲେଶ୍ୱର ଜିଲା ରିକ୍ସା ଚାଳକ ସଂଘର ତ୍ରୟୋଦଶ ସମ୍ମିଳନୀ ଓ ୪୫ ତମ ବାର୍ଷିକ ଅଧିବେଶନ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଷ୍ଟେଶନ କ୍ଲବ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଡାକକର୍ମଚାରୀ ସଂଘର ନେତା ଅକ୍ଷୟ କୁମାର ତ୍ରିପାଠୀ ସଂଘର ଲାଲ୍ ପତାକାକୁ ଉତ୍ତୋଳନ କରିଥିଲେ। ପ୍ରତିରକ୍ଷା କର୍ମଚାରୀ ସଂଘ ସମନ୍ୱୟ ସମିତିର ସଭାପତି ଜଗଦୀଶ ବାରିକ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ଅରୁଣ ଦେ'ଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସିଟୁଏସିସିର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ଏଆଇଟିୟୁସିର ଜିଲା ସହ-ସମ୍ପାଦକ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ 'ସମାଜର ତଳଶ୍ରେଣୀର ମଣିଷମାନେ ହିଁ ରିକ୍ସା ଚଳାନ୍ତି' ବୋଲି କହିଥିଲେ ଓ ସେମାନଙ୍କ ସାମାଜିକ ନିରାପତ୍ତା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କୌଣସି ଆଇନ୍ ପ୍ରଣୟନ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସେକ୍ ସଲ୍ଲାଉଦ୍ଦିନ୍ ସମସ୍ତ ପ୍ରତିନିଧି ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ରିକ୍ସା ଚାଳକମାନଙ୍କର ସମସ୍ୟା ଉପରେ ଆଲୋକପାତ କରିଥିଲେ। ରିକ୍ସା ଚାଳକମାନଙ୍କୁ ୫୦ବର୍ଷ ପରେ ବାର୍ଦ୍ଧକ୍ୟ ଭତ୍ତା, ଭୂମିହୀନଙ୍କୁ ଜମିର ପଟ୍ଟା ଓ ପକ୍କାଘର, ରିକ୍ସାଷ୍ଟାଣ୍ଡମାନଙ୍କରୁ ଜବରଦଖଲ ଉଚ୍ଛେଦ ପ୍ରଭୃତି ଦାବି ଉପସ୍ଥାପିତ କରିଥିଲେ। ସେକ୍ ଜସ, ସର୍ବେଶ୍ୱର ହାଁସଦା, ରାଧାକାନ୍ତ ବେହେରା, ସୁଧାଂଶୁ ମୈକାପ୍ ପ୍ରମୁଖ ବାର୍ଦ୍ଧକ୍ୟ ଅବସ୍ଥାରେ ଥିବା ରିକ୍ସାଚାଳକ ମାନଙ୍କର କରୁଣ କାହାଣୀ ବର୍ଣ୍ଣନା କରିଥିଲେ। ଶାନ୍ତନୁ ଦାସ ନୂତନ କର୍ମକର୍ତ୍ତାମାନଙ୍କର ନାମ ପାଠ କରିଥିବାବେଳେ ହିସାବରକ୍ଷକ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଅଫିସ୍ ସମ୍ପାଦକ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ବର୍ଷ ପାଇଁ ସଭାପତି ଭାବେ ଗୌରାଙ୍ଗ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଶାନ୍ତନୁ ଦାସ, ଉପ-ସଭାପତି ଜୟନ୍ତ ଦାସ, ଆଶୁତୋଷ ପରିଡ଼ା ଓ ଗୌତମ ମହାନ୍ତି, ସାଧାରଣ ସମ୍ପାଦକ ସେକ୍ ସଲ୍ଲାଉଦ୍ଦିନ୍, ହିସାବରକ୍ଷକ ଶ୍ୟାମସୁନ୍ଦର ଜେନା ଓ କୋଷାଧକ୍ଷ ଭାବେ ଉମାକାନ୍ତ ଜେନା ନିର୍ବାଚିତ ହୋଇଛନ୍ତି। ବାଲେଶ୍ୱର ସହରରେ ରିକ୍ସା ଚଳାଉଥିବା ପ୍ରାୟ ୨୦୦ ରିକ୍ସାଚାଳକ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।




ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

## ଓଲଟିଲା କଣ୍ଟେନର, ହେଲ୍‌ପର ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦୁଝର ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଚେମେଣା ନିକଟରେ ରବିବାର ଭାରସାମ୍ୟ ହରାଇ ଏକ କଣ୍ଟେନର ଓଲଟି ପଡ଼ିଛି। ଫଳରେ ଗାଡ଼ିର ହେଲପର ଗୁରୁତର ହୋଇଛନ୍ତି। ହେଲପରଙ୍କୁ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## 'ଆଜିର ସମାଜରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି'

କେନ୍ଦୁଝର,୯।୪(ସ୍ୱ.ପ୍ର.): କେନ୍ଦୁଝର ସଦର ନଇଗାଁସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା ସମ୍ପ୍ରତି ପ୍ରତିଦ୍ୱନ୍ଦ୍ୱିତା ମୂଳକ ସମାଜରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥିଭାବରେ ବରିଷ୍ଠ ଦନ୍ତ ବିଶେଷଜ୍ଞ ଡା. ସଞ୍ଜୀବ ଓତା, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ଶର୍ମା, ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ମହେଶ ମହାନ୍ତ, ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ଚାଷୀ ଚନ୍ଦ୍ରଶେଖର ବେହେରା, ଟ୍ରଷ୍ଟି ଜ୍ଞାନେନ୍ଦ୍ର ବେହେରା, ଟ୍ରଷ୍ଟି ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷ ହିମାଂଶୁ ଶେଖର ଘଡ଼େଇଙ୍କ ସଭାପତିତ୍ୱରେ ଉତ୍ସବରେ ଉପାଧକ୍ଷ ନିବେଦିତା ମିଶ୍ର ପ୍ରାଥମିକ ସୂଚନା ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁନମ ନନ୍ଦି, 'ସୌମ୍ୟା ସାହୁ, ମଧୁଳି ମଧୁସ୍ମିତା ସା, ୱାହିଦ ଜାମା ମଞ୍ଚ ପରିଚାଳନା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କାସଭି ଗ୍ରୁପ ଓ ରଙ୍ଗଲତା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୧୬ ତମ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ କମ୍ପାନୀର ସମସ୍ତ ସଦସ୍ୟ ତଥା ଏହା ଅଧୀନସ୍ଥ ଜରିବାହାଲ ଖଣି, ସିଲିଯୋଡ଼ା ଖଣି, କାଶଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ଓ ଅନ୍ୟ ସଂସ୍ଥାର ସର୍ବମୋଟ ୨୪୩ ଜଣ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

## ଝାଟିପଡ଼ାରେ ଚବିଶ ପ୍ରହର ନାମଯଜ୍ଞ



ପାଟଣା,୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମରେ ଝାଟିପଡା ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ବାର୍ଷିକ ଚବିଶ ପ୍ରହର ନାମଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଭକ୍ତି ମୟ ପରିବେଶରେ ସଂକୀର୍ତ୍ତନ ଚାଲିଥିବା ବେଳେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପୂଜକ ଭାବେ ରାଜବଲ୍ଲଭ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। କର୍ତ୍ତାଭାବେ ଲକ୍ଷ୍ମଣ ଦେବନୀତି ସମ୍ପାଦନା କରୁଛନ୍ତି। ଦୈନିକ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହି କୀର୍ତ୍ତନ ଶ୍ରବଣ କରୁଛନ୍ତି। ଗ୍ରାମର ଶାନ୍ତନୁ ବାରିକ, ଜୟଦେବ ବାରିକ, ରଞ୍ଜନ ବାରିକ, ବଳରାମ ବାରିକ, ପ୍ରମୋଦ ଭଞ୍ଜଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖିଲାରୀ ପାଟ ନୂଆଗାଁ, କମାରମରା ବାଲିସାହି, ଡୁମୁରିଆ, ବଡ଼ ମହୁଲଡ଼ିହା ଓ ପଦ୍ମପୁର ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ଅକ୍ଲାନ୍ତ ପରିଶ୍ରମ ସଫଳତାର ଚାବିକାଠି

ବାରିକପୁର, ୯।୪(ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଶାରଦା ବିଦ୍ୟାମନ୍ଦିରର ଏକବିଂଶତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଅକ୍ଲାନ୍ତ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷାଧିକାରୀ ଅଧୀର କୁମାର ତରାଇ, ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁମତି ସେଠୀ, ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ ଓ ଶିକ୍ଷାବିତ୍ ଚକ୍ରଧର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମନାଭ ରତ୍ନମଞ୍ଜରୀ ସେବା ପ୍ରତିଷ୍ଠାନ ପକ୍ଷରୁ ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ମୁଖପତ୍ର 'ଶାରଦା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପବନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ତାରାକାନ୍ତ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାମନ୍ଦିରର କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁମନ୍ତ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

# 'ନିଶା ନିବାରଣ ପାଇଁ ଜନ ଆନ୍ଦୋଳନ ଜରୁରୀ'

### 'ମନା'ର ସପ୍ତମ ବାର୍ଷିକ ସମ୍ମିଳନୀ

ବାଲେଶ୍ୱର ଅଫିସ,୯।୪

ବାଲେଶ୍ୱରସ୍ଥିତ ମିଳିତ ନିଶା ନିବାରଣ ଅଭିଯାନ (ମନା)ର ସପ୍ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଭାକର ସାହୁ ଏଥିରେ ସଭାପତିତ୍ୱ କରିଥିଲେ।

ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରି ବାଲେଶ୍ୱର ଜିଲା ନିଶାର ହବ୍ ପାଲଟି ଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ନିଶା ନିବାରଣ ଲାଗି ସମସ୍ତଙ୍କ ସହଯୋଗ କାମନା ସହ 'ମନା'ର ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଶା ବିରୋଧରେ ବ୍ୟାପକ ଜନଆନ୍ଦୋଳନ ଓ ସଚେତନତା ସହ ସତ୍‌ସଙ୍ଗ, କାଉନସେଲିଂ ଓ ମାତୃଶକ୍ତିର ଜାଗରୁକ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ସ୍ୱରୂପ କୁମାର ଦାସ ନିଶା ବିରୋଧରେ ଲୋକଙ୍କ ସ୍ୱର ଶାଣିତ କରିବାକୁ ଓ ନିଶାର ମୂଳକାରଣ ଖୋଜି ତାହାର ନିରାକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୌରାଧକ୍ଷା ସବିତା ସାହୁ ନିଶା ନିବାରଣ ଲାଗି ବକ୍ତବ୍ୟ ଦେଇଥିଲେ। ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା ବେଦପାଠ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଗ୍ରାମାଞ୍ଚଳରେ ସରକାରଙ୍କ ମଦ ଲାଇସେନସ୍ ପ୍ରଦାନ ନିଷେଧ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ୧୯୫୬ ନିଶା ବିରୋଧୀ ଆଇନ୍‌ର କାର୍ଯ୍ୟକାରୀ ହେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର 'ମନା'ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ମନା'ର ମୁଖପତ୍ର-୨୦୨୩ ଉନ୍ମୋଚିତ ହୋଇଥିଲା । ଇମାମୀର ବରିଷ୍ଠ ଅଧିକାରୀ ମନୋଜ କୁମାର ପାଢ଼ୀ, ଟାଉନ ସଭାପତି ବେଣୁଧର ସାହୁ, ବିଭିନ୍ନ ବ୍ଲକସ୍ତରର ପ୍ରତିନିଧି ଉପସ୍ଥିତ ଥିଲେ।



ଅତିଥିମାନେ 'ମନା'ର ମୁଖପତ୍ର-୨୦୨୩ ଉନ୍ମୋଚନ କରୁଛନ୍ତି।

## ସାରସ୍ୱତ ସାଧିକା ରିତାରାଣୀଙ୍କୁ ସମ୍ବର୍ଦ୍ଧନା



ଖଇରା ସାହିତ୍ୟ ସଂସଦ ପକ୍ଷରୁ ରିତାରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା,୯।୪(ଡି.ଏନ.ଏ.)

ସୁନାମଧନ୍ୟା ଶିକ୍ଷୟତ୍ରୀ ତଥା ସାରସ୍ୱତ ସାଧିକା ରିତାରାଣୀ ଦାସଙ୍କୁ ରାଜ୍ୟ ଶିକ୍ଷକ ସମ୍ମାନ ମିଳିବା ପରେ ତାଙ୍କୁ ଖଇରାର ବିଭିନ୍ନ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତି ମାୟାଧର ନାୟକ ପୌରହିତ୍ୟ କରିଥିଲେ। ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ସାହିତ୍ୟ ଜଗତ ପ୍ରତି ରିତାରାଣୀଙ୍କର ଅବଦାନ ଅତୁଳନୀୟ ବୋଲି ଚିନ୍ତାମଣି ସାହାଣୀ, ଦେବେନ୍ଦ୍ର କୁମାର ରାଉତ, ବୁଦ୍ଧିରାମ ପାଣିଗ୍ରାହୀ, ବସନ୍ତ କୁମାର ଦାସ, ରଘୁନାଥ ପତ୍ରୀ, ସଞ୍ଜୟ କୁମାର ଭଞ୍ଜରାୟ, ସଙ୍କୀର୍ତ୍ତନ ପଣ୍ଡା, ଅର୍ଜୁନ ଚରଣ ଶିଅଳ, ହରେକୃଷ୍ଣ ପଣ୍ଡା ପ୍ରମୁଖ ପ୍ରକାଶ କରିଥିଲେ।

# 'ଶାନ୍ତି,ମୈତ୍ରୀ ଓ ସଦ୍‌ଭାବନା ସୃଷ୍ଟି କରେ ମହୋତ୍ସବ'



ମଞ୍ଚାସୀନ ଅତିଥିମାନେ।

### ପଞ୍ଚଲିଙ୍ଗେଶ୍ୱର ବନ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ନୀଳଗିରି,୯।୪(ସ୍ୱ.ପ୍ର)

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ପଞ୍ଚଲିଙ୍ଗେଶରଠାରେ ରବିବାର ପଞ୍ଚମ ବନ ମହୋତ୍ସବ-୨୦୨୩ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ମହୋତ୍ସବ ଶାନ୍ତି , ମୈତ୍ରୀ ଓ ସଦ୍‌ଭାବନା ସୃଷ୍ଟି କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଋତୁପର୍ଣ୍ଣ ମହାନ୍ତି ଯୋଗଦେଇ ଉତ୍ସବ ହେଉ କି ମହୋତ୍ସବ, ସବୁଠି ନିଷ୍ଠା ଓ ନିଃସ୍ୱାର୍ଥପରତା ରହିବା ଦରକାର ବୋଲି କହିଥିଲେ। ମହୋତ୍ସବ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାରେ ସଭାପତିତ୍ୱ କରିଥିବାବେଳେ କମିଟିର ସମ୍ପାଦକ ତଥା ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖବରଦାତା ଅସେଷ ସ, ପ୍ରଶାନ୍ତ କୁମାର ବିଶ୍ୱାଳ, ବିଶ୍ୱମ୍ଭର ଦାସ, ଉମାକାନ୍ତ ରାଉତ, ଖଗେନ୍ଦ୍ର ପରମାଣିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶବିତ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ

ମୋରଡ଼ା,୯।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ପାଞ୍ଚଭାୟା ଗ୍ରାମର ଜଣେ ଶିକ୍ଷକ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ତାଙ୍କ ସ୍ତ୍ରୀ ମୋରଡ଼ା ଥାନାରେ ଏତଲା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପାଞ୍ଚଭୟା ଗ୍ରାମର ଭବାନୀ ଶଙ୍କର ମହାନ୍ତ ତାଙ୍କ ସ୍ତ୍ରୀ ନିବେଦିତା ମହାନ୍ତଙ୍କୁ ଯୌତୁକ ଦାବି କରି ମାନସିକ, ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ପୂର୍ବରୁ ନିବେଦିତା ମୋରଡ଼ା ଥାନାରେ ଅଭିଯୋଗ କରିଥିଲେ ଏବଂ ଥାନାରେ ବୁଝାମଣା ହୋଇଥିଲା। କିନ୍ତୁ ଶିକ୍ଷକ ପୁଣି ନିର୍ଯାତନା ଦେବା ସହିତ ଜୀବନରୁ ମାରିଦେବାକୁ ଚେଷ୍ଟା କରୁଥିବା ନିବେଦିତା କହିଛନ୍ତି। ମୋରଡା ଥାନାରେ (ନଂ. ୧୨୧/୨୩)ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ କହିଛନ୍ତି।

## ଜୟନ୍ତ କରଶର୍ମାଙ୍କୁ ଶିକ୍ଷା ବିଭୂଷଣ ସମ୍ମାନ

ଭଦ୍ରକ ଅଫିସ, ୯।୪

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରରୁ କୁଳସଚିବ ଭାବେ ଗତବର୍ଷ ଅବସର ନେଇଥିବା ପ୍ରଫେସର ଡ. ଜୟନ୍ତ କରଶର୍ମାଙ୍କୁ ନେପାଳରେ ଶିକ୍ଷା ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ନିକଟରେ ନେପାଳ କାଠମାଣ୍ଡୁର ତ୍ରିଭୁବନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଶର୍ମାଙ୍କୁ ଉତ୍କଳୀୟ ଶିକ୍ଷା, ସାହିତ୍ୟ, ଭାଷା ଓ ସଂସ୍କୃତିର ଉଲ୍ଲେଖନୀୟ ରଚନାତ୍ମକ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ତ୍ରିଭୁବନ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ହିନ୍ଦୀ ବିଭାଗ, ଶ୍ରୀରାମ ସୁହାଗ ତିଲକ କଲେଜ ଅଫ୍ ଏଜୁକେଶନ, ବିହାରର ମଗଧ ବିଶ୍ୱବିଦ୍ୟାଳୟ ଓ କାଠମାଣ୍ଡୁର ହିମାଳିନୀ ଡ. କୃଷ୍ଣଚନ୍ଦ୍ର ମିଶ୍ର ପବ୍ଲିକେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ଶର୍ମା ଯୋଗ ଦେଇଥିଲେ। ସେ ଅବସର ପରେ ଓଡ଼ିଆ ଭକ୍ତି ସାହିତ୍ୟର ବଳରାମ ଦାସଙ୍କ ଲୋକପ୍ରିୟ ଲକ୍ଷ୍ମୀପୁରାଣ ଓ ସନ୍ଥକବି ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି ଗ୍ରନ୍ଥର ହିନ୍ଦୀ ଟୀକା କରି ଓଡ଼ିଶାର ଏହି କୃତିକୁ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ କରାଇ ପାରିଥିଲେ। ଭଦ୍ରକ ଜିଲା ବନ୍ତ ବ୍ଲକ ନିମାପଡ଼ା ଗ୍ରାମର ପଣ୍ଡିତ ପୁରୁଷୋତ୍ତମ କରଶର୍ମା ଓ ଅନ୍ନପୂର୍ଣ୍ଣା ଦେବୀଙ୍କ ଜ୍ୟେଷ୍ଠପୁତ୍ର ଜୟନ୍ତ। ସାରସ୍ୱତ ସାଧନା ପାଇଁ ସେ ପୂର୍ବରୁ ଏକାଧିକବାର ରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି।



ନେପାଳରେ ଏକ ଉତ୍ସବରେ ଡ. ଜୟନ୍ତ କରଶର୍ମାଙ୍କୁ ସମ୍ମାନିତ କରାଯାଉଛି।

## ପୁରାତନ ବିଦ୍ୟାର୍ଥୀଙ୍କ ଗୁରୁପୂଜନ, ବନ୍ଧୁମିଳନ



ଷେଣ୍ଢପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଉତ୍ସବରେ ଗୁରୁଙ୍କ ସହ ପୁରାତନ ଛାତ୍ରୀଛାତ୍ର।

ଧାମନଗର,୯।୪(ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ବ୍ଲକ ଷେଣ୍ଢପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅମର ପାଗଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଦେବ କୁମାର ରାଉତରାୟ, ହୃଦାନନ୍ଦ କର, ପ୍ରିୟ ରଞ୍ଜନ ସାମଲ, ମୁରଲୀଧର ମିଶ୍ର, କାର୍ତ୍ତିକ ଚନ୍ଦ୍ର ପତି, ଦାମୋଦର ସୁତାର, ରବୀନ୍ଦ୍ର ମଲିକ, ବେଣୁଧର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ଦାସ, ଭରତ ତରାଇ, ଲିଳିବାଳା ମହାପାତ୍ର, ରମେଶ ଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ବାରିକ, ସୁନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ୧୫ଜଣ ଗୁରୁଙ୍କୁ ପୂଜା କରିଥିଲେ। ପୁରାତନ ଛାତ୍ର ସୁଧୀର ଶେଖର ରଥ, ଚନ୍ଦନ ସାହୁ, ନରୋତ୍ତମ ନାୟକ, ଶୁଭେନ୍ଦୁ ଖିଲାର, ମାନସ ସୁତାର, ଅଖିଳ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ସଞ୍ଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର,୯।୪(ସ୍ୱ.ପ୍ର)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଘଡ଼ଘଡ଼ି ଶିବ ମନ୍ଦିର ନିକଟ ରେଲୱେ ଲାଇନ ନିକଟରେ ରବିବାର ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଘସିପୁରା ଥାନା ବନ୍ଧ ଧୋକଠା ଗ୍ରାମର ବିପ୍ରବର ପାତ୍ରଙ୍କ ପୁତ୍ର ଶକ୍ତିକାନ୍ତ ପାତ୍ର(୩୩)। ସୂଚନା ଅନୁଯାୟୀ, ଶକ୍ତିକାନ୍ତ ତାଙ୍କ ସାଙ୍ଗ ଇନ୍ଦ୍ରମଣି ଦାସଙ୍କ ଘରେ ରହୁଥିଲେ। ଶନିବାର ଅପରାହ୍ଣ ସାଢ଼େ ୩ଟା ବେଳେ ଭଲ ଲାଗୁନାହିଁ ବୋଲି ଇନ୍ଦ୍ରମଣିଙ୍କୁ କହି ବୁଲିବାକୁ ଆସିଥିଲେ। ସେ ଘଡ଼ଘଡ଼ି ଶିବ ମନ୍ଦିରରେ ଦର୍ଶନ କରି ସାରି ଆଉ ଘରକୁ ଫେରି ନ ଥିଲେ। ରବିବାର ରେଲୱେ ଲାଇନ ନିକଟରୁ ରେଳ ବିଭାଗ କର୍ମଚାରୀ ଶକ୍ତିକାନ୍ତଙ୍କ ମୃତଦେହ ଜବତ କରିଥିଲା। ଖବର ପାଇ ଟାଉନ ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଛି।

## ମୂଳକାୟଦା ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

ସୋର,୯।୪(ଡି.ଏନ୍.ଏ)

ସୋର ବ୍ଲକ ଅଧୀନ ଅନନ୍ତପୁର ପଞ୍ଚାୟତ ଅନ୍ତର୍ଗତ ମୂଳକାୟଦା ନୋଡାଲ ଉପ୍ରା ବିଦ୍ୟାଳୟର ୨ଦିନିଆ ପ୍ଲାଟିନମ୍ ଜୁବିଲି ଓ ମୂଳକାୟଦା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ କମିଟି ସଭାପତି ଇଂ.ଉମାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଭାଗିରଥୀ ସାହୁ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଭୀମସେନ୍ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ ଅଧକ୍ଷା ଅନୁସୟା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ଛାତ୍ର ସଂସଦ ଉପସଭାପତି ଗଙ୍ଗାଧର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସିଂ ଅତିଥି ପରିଚୟ ପ୍ରଦାନ ଓ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନଞ୍ଜୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଲେରୋ ଧକ୍କାରେ ଛାତ୍ରୀ ଗୁରୁତର

### ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

ବେତନଟୀ,୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ତାରାକୋଟି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ଜଣେ ନବମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଛନ୍ତି। ଛାତ୍ରୀ ଜଣକ ହେଲେ ତାରାକୋଟି ଗ୍ରାମର ଲିପ୍‌ସା ମୁର୍ମୁ। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଲିପ୍‌ସା ତାରାକୋଟି ଛକ ନିକଟରେ ରାଜପଥର ବାମପାର୍ଶ୍ୱରୁ ଡାହାଣପାର୍ଶ୍ୱକୁ ସାଇକେଲରେ ଅତିକ୍ରମ କରୁଥିବା ବେଳେ ବୋଲେରୋଟି ଧକ୍କା ଦେଇଥିଲା। ବେତନଟୀ ଡାକ୍ତରଖାନାକୁ ବାରିପଦାକୁ ସ୍ଥାନାନ୍ତର ପାଇଁ ବେତନଟୀ, କେ.ସି.ପୁର, ବୈଶିଙ୍ଗା ଓ ବଡ଼ସାହିର ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। ହେଲେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଏକ କାର୍ ଭଡ଼ା କରି ଲିପ୍‌ସାଙ୍କୁ ବାରିପଦାକୁ ନିଆଯାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି।

## କାଜୁ ଗୋଦାମ ଗୃହ ଉଦ୍‌ଘାଟିତ

କୋଡ଼ପଡ଼ା,୯।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ାଠାରେ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ନୂତନ ଭାବେ ନିର୍ମିତ କାଜୁ ଗୋଦାମ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଉପଜିଲାପାଳ ତଥା ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ଅନୀଲ କୁମାର ସେଠୀ, ନିୟନ୍ତ୍ରିତ ବଜାର କମିଟି ଉପାଧକ୍ଷ ଦେବାଶିଷ ପାତ୍ର, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଏକାଦଶୀ ଦାସ, ଜିଲା ପରିଷଦ ସଦସ୍ୟ ସଞ୍ଜୟ ମଲ୍ଲିକ, ଗଡ଼ବାନ୍ଧଗୋଡ଼ା ସରପଞ୍ଚ ଶଶିକାନ୍ତ ଜେନା ଯୋଗଦାନ କରିଥିଲେ। କର୍ମଚାରୀ ନାରାୟଣ ରଣା, ବିଦ୍ୟାଧର ସା, ସୁବ୍ରତ ବେହେରା, ଶକ୍ତି ପ୍ରସାଦ ମିଶ୍ର, ଚିତ୍ରସେନ ପାତ୍ର, ନବଘନ ନାୟକ, ଦିଲ୍ଲୀପ ସାହୁଙ୍କ ସହ ଗଡ଼ବାନ୍ଧଗୋଡ଼ା ଗ୍ରାମର ଜୟନ୍ତ ଗାନ୍ଧୀ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ଭାରତଭୂଷଣ ନାୟକ, ଶାନ୍ତନୁ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।



ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କ ସହ ଅନ୍ୟମାନେ।

# ପୁରୁଣା ପେନ୍‌ସନ୍ ଦାବିକୁ ପୂର୍ଣ୍ଣ ସମର୍ଥନ

### ଜିଲା ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ବାରିପଦା ଅଫିସ,୯।୪

ମୟୂରଭଞ୍ଜ ବାରିପଦା ଲାଲବଜାରସ୍ଥିତ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ମୟୂରଭଞ୍ଜ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଆରତ ପରିଡ଼ାଙ୍କ ଅଧକ୍ଷତାରେ ଜିଲା ସମ୍ପାଦକ ବିମଳ ଆଚାର୍ଯ୍ୟ, ଉପଦେଷ୍ଟା ଶିବ ପ୍ରସାଦ ମହାପାତ୍ର, ତଥା ବିଭିନ୍ନ ବ୍ଲକ୍‌ର ସଭାପତି, ସମ୍ପାଦକ ତଥା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିକଟ ଭବିଷ୍ୟତରେ ହେବାକୁ ଥିବା ପଦୋନ୍ନତି ଉପରେ ସୁନୀଲ ବୋର୍ଡ, ଛୋଟରାୟ ସୋରେନ ଓ ଅରୁଣ ମିଶ୍ର ଗ୍ରେଡେସନ ତାଲିକାରେ ଥିବା ତ୍ରୁଟି ତଥା କାଉନ୍‌ସେଲିଂରେ ବରିଷ୍ଠତା ଭିତ୍ତିକ ପଦୋନ୍ନତି ଉପରେ ଅଗ୍ରାଧିକାର ଦେବାପାଇଁ ମତ ପୋଷଣ କରିଥିଲେ। ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଜିଲାର ଜଣେ ବି ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ଯେପରି ପଦୋନ୍ନତିରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଜିଲା ସଂଗଠନ ସର୍ବଦା ସଜାଗ ରହିଛି। ଆବଶ୍ୟକ ସ୍ଥଳେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିବା ସହ ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ଏବଂ ଜାତୀୟସ୍ତରରେ ପ୍ରାଥମିକ ଶିକ୍ଷକ ସଂଗଠନ ନିଜର ପ୍ରୟାସ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତି ବ୍ଲକ୍‌ର ସଂଗଠନକୁ ମଜବୁତ କରିବା ସହ ସମସ୍ତ ବ୍ଲକ୍‌ର ଶିକ୍ଷା ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ସେକ୍ସନ ଅଫିସର ଓ ଅତିରିକ୍ତ ସେକ୍ସନ ଅଫିସର ପଦବୀ ପୂରଣ କରିବା ପାଇଁ ପଦକ୍ଷେପ ନେବା ପାଇଁ ସଭାପତି ଶ୍ରୀ ପରିଡ଼ା ମତ ପୋଷଣ କରିଥିଲେ। ଜିଲାର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ଥିତିକୁ ଆଖି ଆଗରେ ରଖି ପ୍ରତ୍ୟେକ ଶିକ୍ଷକ ନିଜ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଉପଦେଷ୍ଟା ଶ୍ରୀ ମହାପାତ୍ର ଆହ୍ୱାନ ଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ଯଶିପୁର ବ୍ଲକ୍ ସଂଗଠନର ସଭାପତି କ୍ଷିତୀଶ ଚନ୍ଦ୍ର ମହାନ୍ତ ଓ ସମ୍ପାଦକ ଛୋଟରାୟ ସୋରେନ, ବେତନଟୀ ବ୍ଲକ୍ ସଂଘର ଉପଦେଷ୍ଟା ତଥା ନବ ନିଯୁକ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଓ ସମ୍ପାଦକ ସୁନୀଲ ବୋର୍ଡ ତଥା ସ୍ୱତନ୍ତ୍ର ଅତିଥି ବରିଷ୍ଠ ସଂଗଠକ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୋଷାଧକ୍ଷ ଅଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷକ ସଂଘର ସଦସ୍ୟମାନେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ବିଲ,(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ହାୟରପୁରର ଶାଳ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତକ ହେଲେ ହାୟରପୁର ହୁଡ଼ିସାହିର ପିତାମ ମୁଣ୍ଡା। ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଶାଳ ଗଛରେ ଦଉଡ଼ି ସାହାଯ୍ୟରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବିଲ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ସିମୁଳିଆ,୯।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ଛକଠାରେ ରହୁଥିବା କବିତା ପତ୍ରୀ(୫୦) ନାମକ ଜଣେ ମହିଳାଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ନିଆଁରେ ପୋଡ଼ି ହୋଇଯାଇଥିବା ଏହି ମହିଳାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ବ୍ୟବସାୟୀମାନେ ଉଦ୍ଧାରକରି ନିକଟସ୍ଥ ସିମୁଳିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, କବିତା ବଜାର ମଧରେ ରହୁଥିବା ବେଳେ ଘରର ଉପର ମହଲାରୁ ତଳକୁ ଆସି ପୋଡ଼ି ହୋଇଯିବା ଓ ତାଙ୍କ ଚିତ୍କାର ନ ଶୁଭିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷେ ମୃତ୍ୟୁ ପୂର୍ବରୁ ତାଙ୍କ ଦେହରେ କିରୋସିନ ଢାଳି ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସମ୍ପର୍କରେ କବିତା ସୂଚନା ଦେଇଥିଲେ। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ କବିତାଙ୍କୁ ହତ୍ୟା କରାଯିବା ସମ୍ପର୍କରେ ତାଙ୍କ ଭାଇ ଭାବଗ୍ରାହୀ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କବିତାଙ୍କ ସ୍ୱାମୀଙ୍କର ୨ବର୍ଷ ତଳେ ମୃତ୍ୟୁ ହୋଇଥିଲା।

### ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ଗୋପବନ୍ଧୁ ନଗର, ୯।୪ (ଡି.ଏନ.ଏ.)- ସ୍ଥାନୀୟ ନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି ନେଉଥିବା ଏକ ଟ୍ରାକ୍ଟରକୁ ଖୁଣ୍ଟା ପୋଲିସ ଜବତ କରିଛି। ଟ୍ରାକ୍ଟରଟି ବାଲି ବୋଝେଇ କରି ନେଉଥିବା ବେଳେ ଅଙ୍ଗାରଗଡିଆ ଛକଠାରେ ପୋଲିସ ହାତରେ ଧରାପଡ଼ିଥିଲା। ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଛି। ଏଥିସହ ଡ୍ରାଇଭର ପଶୁଦା ଗ୍ରାମର ଜଗା ମୁର୍ମୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ.୯୭/୨୩) ରୁଜୁ କରାଯାଇଛି।

### ଆଞ୍ଚଳିକ କଳା ପରିଷଦର ବୈଠକ

ଔପଦା,୯।୪- ବାଲେଶ୍ୱର ଜିଲା ଔପଦା ବ୍ଲକ ଅଞ୍ଚଳର କଳା, ସଂସ୍କୃତି ପରମ୍ପରାକୁ ନେଇ ଆଞ୍ଚଳିକ କଳା ପରିଷଦ ଗଠନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଗେଟେଶ୍ୱର ସଂସ୍କୃତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ପରିଷଦର ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ନାୟକ ଓ ସମ୍ପାଦକ ଭାବେ ସାମାଜିକକର୍ମୀ ରାମେଶ୍ୱର ଦାଶଙ୍କୁ ମନୋନୀତ କରାଯାଇଛି। ସଭାପତି ଓ ସମ୍ପାଦକଙ୍କ ସମେତ ସାମାଜିକକର୍ମୀ ଅନ୍ତର୍ଯ୍ୟାମୀ ନାୟକ, ମହେନ୍ଦ୍ର ନାଥ ତ୍ରିପାଠୀ, ରମାକାନ୍ତ ମହାପାତ୍ର, ସଂସ୍କୃତ ବିଦ୍ୟାପୀଠର ପ୍ରଧାନ ପଣ୍ଡିତ ଗଣେଶ୍ୱର ସାହୁ, ଆଇନଜୀବୀ ସୁକାନ୍ତ କୁମାର ନାୟକ, ଅନନ୍ତ ପ୍ରସାଦ ପଣ୍ଡା, ଅଜୟ କୁମାର ପଟ୍ଟନାୟକ, ଚିତ୍ତରଞ୍ଜନ ବେହେରା, ଅରୁଣ କୁମାର ପଟ୍ଟନାୟକ, ଶ୍ରୀଧର ନାୟକ, ମାନସ କୁମାର ମୁଦୁଲି, ଶଶିକାନ୍ତ ରାଉତ, ଶ୍ରୀଧର ଘୋଡ଼ା, ଶ୍ରୀଧର ମଣ୍ଡଳ, ମନମୋହନ ପୃଷ୍ଟି, ଭକ୍ତକାନ୍ତ ବେହେରା, ବନମାଳୀ ସେଠି, ଦୀପକ କୁମାର ରାଉଳ, ଉମାକାନ୍ତ ଗିରି ଓ ସନାତନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ‘ଗାନ୍ଧିଜୀଙ୍କ ଦୃଷ୍ଟିଭଙ୍ଗୀ, ନୀତି’ ପାଠଚକ୍ର

ବାଙ୍ଗିରିପୋଷି,୯।୪(ଡି.ଏନ.ଏ.)-ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଇତିହାସ ବିଭାଗର ପ୍ରଥମ ପର୍ଯ୍ୟାୟରେ ‘ଗାନ୍ଧିଜୀଙ୍କ ଦୃଷ୍ଟିଭଙ୍ଗୀ ଓ ନୀତି’ ବିଷୟରେ ଏକ ପାଠଚକ୍ର ମୁଖ୍ୟ ପ୍ରାଧାପକ ପବିତ୍ର ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପା ପାତ୍ର ଯୋଗଦେଇ ପାଠଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧାପକ ରତିକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ଆଦର୍ଶକୁ ଗ୍ରହଣ କରି ଏକ ସୁସ୍ଥ ସମାଜ ଗଠନ ଉପରେ ପରାମର୍ଶ ଦେଇଥିଲେ। ଅଧାପକ ଅଜୟ କୁମାର ଗୋସ୍ୱାମୀ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଦୁର୍ଗା ନାଏକ ଓ ଛାତ୍ର ବାବୁଲାଲ ମାର୍ଣ୍ଡି ପାଠଚକ୍ରରେ ସକ୍ରିୟ ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ରୀ ପବିତ୍ରା ସିଂ ଇତିହାସ ସମ୍ମାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଇତିଶ୍ରୀ କର ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତିମୟ ଚନ୍ଦନେଶ୍ୱର ପୀଠ

ଭୋଗରାଇ,୯।୪(ଡି.ଏନ.ଏ.)


ଚନ୍ଦନେଶ୍ୱର ମହାଦେବ ପୀଠରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚୈତ୍ର ଚଡ଼କମେଳାର ରବିବାର ଥିଲା ଜୀଉଙ୍କ ପାଞ୍ଚ ଅର୍ଘ୍ୟ। ଏହି ଦିବସରେ ହୁଗୁଳି ଗ୍ରାମସ୍ଥିତ ଜଳଯନ୍ତ୍ର ଦେବତାଙ୍କଠାରେ ୩୦ହଜାରରୁ ଉର୍ଦ୍ଧ୍ୱ ଉପବୀତଧାରି ଭକ୍ତଙ୍କ ସମାଗମ ହୋଇଥିଲା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ବାଂଲାଦେଶରୁ ଅସଂଖ୍ୟ ଶୈବଭକ୍ତଙ୍କ ଆଗମନରେ ଚଳଚଞ୍ଚଳ ହୋଇଛି ଜୀଉଙ୍କ ପୀଠ।

ଶ୍ରଦ୍ଧାଳୁଙ୍କ ନିମନ୍ତେ ୨୪ ଘଣ୍ଟିଆ ବିଜୁଳି ଆଲୁଅ, ବିଶୁଦ୍ଧ ପାଣି ଓ ଶୌଚାଗାର ଉପରେ ଟ୍ରଷ୍ଟ ବୋର୍ଡ଼ ଓ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭକ୍ତି ନୈବେଦ୍ୟ, ଝାଲି, ଘଣ୍ଟା, ହରିବୋଲ ଧ୍ୱନିରେ ଚନ୍ଦନେଶ୍ୱର ପୀଠ ପ୍ରକମ୍ପିତ ହେଉଥିବା ବେଳେ ଜଳେଶ୍ୱର–ଚନ୍ଦନେଶ୍ୱର–ବର୍ଡ଼ର ଚନ୍ଦନେଶ୍ୱର ରାସ୍ତା ଭକ୍ତଙ୍କ ସୁଅ ଛୁଟୁଛି। ପଶ୍ଚିମବଙ୍ଗ ପରିବହନ ବିଭାଗ କୋଲକାତାର ବର୍ଡର ପର୍ଯ୍ୟନ୍ତ ୨୫୦ରୁ ଉର୍ଦ୍ଧ୍ୱ ବସ୍ ଯୋଗାଇ ଦେଇଥିବା ବେଳେ ସାଗରଦ୍ୱୀପ ଓ ରସଲପୁର ଜଳପଥ ନିମନ୍ତେ ଘନଘନ ଲଞ୍ଚ ଫେରିଘାଟର ଯାତ୍ରୀଙ୍କ ନିମନ୍ତେ ସୁବନ୍ଦୋବସ୍ତ କରିଛନ୍ତି। ଜୀଉଙ୍କଠାରେ ୫ଶହରୁ ଉର୍ଦ୍ଧ୍ୱ ଭକ୍ତ ମାନସିକ ପୂର୍ଣ୍ଣ ନିମନ୍ତେ ଅଧିଆ ପଡ଼ିଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱର ଏମ୍ସର ଖ୍ୟାତନାମା ବିଶେଷଜ୍ଞ ଡାକ୍ତର ସରୋଜ କୁମାର ଦାସ ମଜୁମଦାର ଓ କଟକ ବଡ଼ ଡାକ୍ତରଖାନାର ବିଶେଷଜ୍ଞ ଶୁଭଲକ୍ଷ୍ମୀ ରାଉତରାୟଙ୍କ ତତ୍ତ୍ୱାବଧାନରେ ସାମାଜିକର୍ମୀ ବାଲଗୋପାଳ ଦାସ, ପ୍ରଦୀପ ଦାସ ମହାପାତ୍ର, ରଞ୍ଜନ ଦାସ, ତାପସ କୁମାର ପାତ୍ର, ରମାକାନ୍ତ ପରିଡ଼ା ପ୍ରମୁଖ ଶନିବାରଠାରୁ ଶ୍ରଦ୍ଧାଳୁଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଯାତ୍ରୀଙ୍କ ସକାଶେ ଏକ ନିଃଶୁଳ୍କ ଶୌଚାଗାରକୁ ବିଧାୟକ ଅନନ୍ତ ଦାସଙ୍କ ପ୍ରତିନିଧି ବିଶ୍ୱଜିତ୍ ଦାସ ଉଦଘାଟନ କରିଥିଲେ। ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଶ୍ରୀଜଗନ୍ନାଥ ଏସ୍ଏସ୍ଜି ଗ୍ରୁପ୍ ସହିତ ଏହାର ସଭାନେତ୍ରୀ ମମତା ରାଣୀ ଦାସଙ୍କୁ ଜିଲାପାଳ ଏହି ଶୌଚାଗାର ଦାୟିତ୍ୱ ଦେଇଛନ୍ତି। ମହାଦେବଙ୍କ ପାଞ୍ଚ ଅର୍ଘ୍ୟରେ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ବିଜେଡି ନେତା ଇଂ. ବିଦ୍ୟୁବେନ୍ଦୁ ପାତ୍ର, ମୌରସୀ ତପନ ପଣ୍ଡା, ଉପ–ମୌରସୀ ବୁଦ୍ଧଦେବ ପଣ୍ଡା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ଏସ୍ଡିପିଓ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**୩୦ହଜାରରୁ ଉର୍ଦ୍ଧ୍ୱ ଉପବୀତଧାରୀଙ୍କ ସମାଗମ**

# ‘ସ୍କୁଲର ସ୍ମୃତିକୁ ଉଜ୍ଜୀବିତ କରେ ରୌପ୍ୟ ଜୟନ୍ତୀ’

ତିହିଡ଼ି,୯।୪(ଡି.ଏନ୍.ଏ.)


ସମାରୋହରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ଅଧୀନ କମାରିଆସ୍ଥିତ ଆନନ୍ଦ ପ୍ରସାଦ ସିନ୍ଦୋଳ ପଞ୍ଚାୟତ ସହଯୋଗ (ଏପିଏସ୍ପିଏସ୍) ହାଇସ୍କୁଲରେ ୩ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଉଦ୍ଯାପିତ ହୋଇଯାଇଛି। ସକାଳେ ସ୍ୱର୍ଗତ ଭାଗୀରଥି ଲେଙ୍କା ମଞ୍ଚରେ ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ରୌପ୍ୟ ଜୟନ୍ତୀ ବିଦ୍ୟାଳୟର ସ୍ମୃତିକୁ ଉଜ୍ଜୀବିତ କରିବା ସହ ପରମ୍ପରାକୁ ସମୃଦ୍ଧ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏମ୍ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ସଭ୍ୟା ସୁମତୀ ସେଠୀ, ବ୍ଲକ ଉପାଧକ୍ଷା ସୁଭଦ୍ରା ଶତପଥୀ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ସୁପ୍ରଭା ପାଣି, ସାମାଜିକ କର୍ମୀ ସବିତାରାଣୀ ରାଉତରାୟ, ଗୌରୀମୋହନ ରାଉତରାୟ, ହିମାଦ୍ରୀ ରାଉତରାୟ, ସୁରେନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ରୌପ୍ୟ ଜୟନ୍ତୀ କମିଟି ସଭାପତି ଲକ୍ଷ୍ମୀଧର ସେନାପତି ଓ ସମ୍ପାଦକ ରାଜାରାମ ଲେଙ୍କା ଯୋଗ ଦେଇଥିଲେ। ଶିକ୍ଷକ ବିପ୍ଳବ କୁମାର ପହି ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ସଭାପତି କୈଳାସ ଲେଙ୍କା, ସାମାଜିକ କର୍ମୀ କମଳାକାନ୍ତ ଲେଙ୍କା, ଆଲୁମିନି କମିଟି ସଭାପତି ପ୍ରବୀର କୁମାର ନାୟକ, ରୌପ୍ୟ ଜୟନ୍ତୀ କମିଟି ଉପସଭାନେତ୍ରୀ ସରୋଜିନୀ ବାରିକ, ଅମିତ୍ ସ୍ୱାଇଁ, ନୟନ କିଶୋର କାଣ୍ଡି, ପ୍ରତାପ ସେନାପତି, ପ୍ରଭାତ କୁମାର ଜେନା, ମଞ୍ଜୁଲତା ଜେନା ପ୍ରମୁଖ ସହଯୋଗ କରିଥିଲେ।

## ବନ କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ

ଜଳେଶ୍ୱର,୯।୪(ଡି.ଏନ୍.ଏ)

ରାଇବଣିଆ ଅଞ୍ଚଳର ଶ୍ୟାମନଗର ପଞ୍ଚାୟତରେ ଦୁଇ ଦିନ ତଳେ ହାତୀପଲ ବ୍ୟାପକ କ୍ଷତି ଘଟାଇଥିଲେ। ହାତୀ ଘଉଡାଇବା ପାଇଁ ବନବିଭାଗ କର୍ମଚାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ୨ ବନକର୍ମଚାରୀଙ୍କୁ ଅଟକାଇ ମାରଧର କରିଥିଲେ। ଏନେଇ ରାଇବଣିଆ ଥାନାରେ ଅଭିଯୋଗ ହେବାରୁ ପୋଲିସ ୪ ଜଣଙ୍କ ନାମରେ ଏକ ମାମଲା(ନଂ.୪୨/୨୩) ରୁଜୁ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଗିରିଶ ମାରାଣ୍ଡି ଓ ମେଘନାଥ ମହନ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଶତାଧିକ ଚାଷୀଙ୍କବ୍ୟାପକ ଚାଷ ନଷ୍ଟ ହୋଇଥିବା ବେଳେ ହାତୀ ଘଉଡାଇବାରେ ବନ କର୍ମଚାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସରପଞ୍ଚ ଗିରିଜା ସାସମଲ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇବାକୁ ସେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବାଲେଶ୍ୱର ଜିଲାପାଳ ଏବଂ ଡିଏଫ୍ଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଆଜି ଅଖଣ୍ଡ ମୟୂରଭଞ୍ଜ ଦାବିରେ ପୂଜାର୍ଚ୍ଚନା

ବାରିପଦା ଅଫିସ,୯।୪

ଶିମିଳିପାଳର ସୁରକ୍ଷା ଓ ଅଖଣ୍ଡ ମୟୂରଭଞ୍ଜର ପୂର୍ବ ମାନ୍ୟତା ଫେରାଇବା ଦାବିରେ ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ସୋମବାର ଜିଲାର ବିଭିନ୍ନ ଦେବୀଦେବଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଜିଲାର କୋଣ ଅନୁକୋଣରେ ବସବାସ କରୁଥିବା ଜନସାଧାରଣ ଉପସ୍ଥିତ ରହିବାକୁ ନିବେଦନ କରାଯାଇଛି। ଜିଲାର ମୁକୁଟ ବୋଲାଉଥିବା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷାକୁ ନେଇ ବାରମ୍ବାର ଦାବି ହୋଇଆସୁଛି। ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ରୋକିବା ଦିଗରେ ବନବିଭାଗକୁ ଚାପ ପ୍ରୟୋଗ କରିବା ସହିତ କାଠମାଫିଆଙ୍କ କବଳରୁ ରକ୍ଷା କରିବାକୁ ବାରମ୍ବାର ଦାବି ହୋଇଆସୁଛି। ସେହିପରି ପୂର୍ବରୁ ଗଡ଼ଜାତ ରାଜ୍ୟ ଥିବା ମୟୂରଭଞ୍ଜରୁ ଅଲଗା ହୋଇ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ସାମିଲ ପରେ ଅବହେଳିତ ଅବସ୍ଥାରେ ଥିବା ଷଡ୍ଢେଇକଳା ଓ ଖରସୁଆଁ ଅଞ୍ଚଳକୁ ପୁନର୍ବାର ମୟୂରଭଞ୍ଜରେ ସାମିଲ କରିବାକୁ ଦାବି ଆରମ୍ଭ ହୋଇଛି। ଜିଲାବାସୀ ଏକ ହୋଇ ଆନ୍ଦୋଳନକୁ ସଫଳ କରିବାକୁ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ମା’ କୀଚକେଶ୍ୱରୀ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର, ଜାହିରା ପୀଠ, ମସ୍ଜିଦ, ଚର୍ଚ୍ଚ ଓ ଗୀର୍ଜା ତଥା ସମସ୍ତ ଧର୍ମର ଧାର୍ମିକ ପୀଠ ଗୁଡ଼ିକରେ ପୂଜାର୍ଚ୍ଚନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାବାସୀ ଏକତ୍ରିତ ହୋଇ ଦାବି ଉପସ୍ଥାପନା କରିବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ମୟୂରଭଞ୍ଜକୁ ଖଣ୍ଡ ବିଖଣ୍ଡିତ କରିବାକୁ ଅପଚେଷ୍ଟା କରୁଥିବା ଶକ୍ତି ବିରୋଧରେ କଡ଼ା ଯବାବ ଦିଆଯିବ ବୋଲି ଜିଲା ସଭାପତି ପିଣ୍ଟୁ ମାଇତି, ରାକେଶ ବେହେରା, ମୁଖପାତ୍ର ମାନସ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

## ସ୍କୁଟିରୁ ପଡ଼ି ୨ ଯୁବକ ଗୁରୁତର

**ବସ୍ତା,୯।୪(ଡି.ଏନ.ଏ.):** ବସ୍ତା ଥାନା କୁଣ୍ଡପୁର ପେଟ୍ରୋଲ ପମ୍ପ ନିକଟରେ ସ୍କୁଟିରୁ ପଡ଼ି ୨ ଯୁବକ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟ ହେଲେ ବାଉଁଶମୁଖା ଗ୍ରାମର ମାନସ ମହାନ୍ତି ଓ ରାଜେଶ କୁମାର ବାରିକ। ରବିବାର ଅପରାହ୍ନରେ ଉଭୟେ କୌଣସି କାମରେ ଆସିଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଅଧିକାରୀ ଓ ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ବସ୍ତା ଡାକ୍ତରଖାନାକୁ ପଠାଇଥିଲେ।

# ଧାରଣାରେ ଖପରାଖାଇ ଯୁବକ ସଂଘ

**ଆନନ୍ଦପୁର ଜିଲା ଦାବି**

**ଜନଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ**

ଆନନ୍ଦପୁର,୯।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡକୁ ଜିଲା ଦାବିରେ ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଧାରଣା ୧୪ ଦିନରେ ପହଞ୍ଚିଛି। ରବିବାର ପୌରପରିଷଦର ୧୩ ନଂ. ୱାର୍ଡ ଖପରାଖାଇ ଯୁବକ ସଂଘର ସଭାପତି ଅଖିଳ ପଟ୍ଟନାୟକ, ସମ୍ପାଦକ ସରିତେନ୍ଦୁ ପାଣିଗ୍ରାହୀଙ୍କ ସଂଯୋଜନାରେ ବିକାଶ ମିଶ୍ର, ଭାଗିରଥି ଦାଶ, ଦିପ୍ତୀକାନ୍ତ ମହାରଣା, ମାନସ ରଞ୍ଜନ ହୋତା ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବା ଲକ୍ଷରେ ବିକାଶ ପରିଷଦର ସଭାପତି ରାମାକାନ୍ତ ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁରର ବରିଷ୍ଠ ନାଗରିକ ଦୁର୍ଗାଚରଣ ଦଳେଇ, ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ଲିପୁ ସାହୁ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ସାମିଲ ହୋଇ ଦୁଇ ନିର୍ବାଚନମଣ୍ଡଳୀର ବିଧାୟକଙ୍କ ସହ ଜିଲା ପ୍ରସଙ୍ଗରେ ଆଲୋଚନା, ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ, ପଞ୍ଚାୟତସ୍ତରର ଲୋକେ ଓ ବିଭିନ୍ନ ସଂଗଠନ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ, ଆନ୍ଦୋଳନକୁ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଓ ରାଜନୈତିକ ପୃଷ୍ଠଭୂମୀରେ ସିମିତ ନ ରଖି ସର୍ବଦଳୀୟ କରାଯିବା ସହ ନୂତନ କମିଟି ଗଠନ କରାଯାଇ ଜନଜାଗରଣ ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ‘ଆନନ୍ଦପୁର ଜିଲା ମାନଚିତ୍ରରୁ ଘଟଗାଁ ବ୍ଲକ୍‌କୁ ବାଦ ଦିଆଯାଉ’

ଢେଙ୍କିକୋଟ,୯।୪(ଡି.ଏନ୍.ଏ)



କେନ୍ଦୁଝର ଜିଲା ପୌରାଣିକ ପୀଠ ମା’ତାରିଣୀ ପୀଠ ତଥା ଘଟଗାଁ ବ୍ଲକ୍‌କୁ ଆନନ୍ଦପୁର ଜିଲା ମାନଚିତ୍ରରୁ ବାଦ ଦେବାକୁ ଦାବି ହୋଇଛି। ଏ ନେଇ ରବିବାର ଢେଙ୍କିକୋଟ୍ ବିକାଶମଞ୍ଚ ସଭାପତି ପ୍ରଫେସର ଯୁଗୋଳ କିଶୋର ଦାସଙ୍କ ଆହ୍ୱାନ କ୍ରମେ ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତର ଜନପ୍ରତିନିଧିଙ୍କୁ ନେଇ ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା ମଣ୍ଡପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ବହୁ ନେତୃବୃନ୍ଦ ଯୋଗଦେଇ ଆନନ୍ଦପୁର ଉପଖଣ୍ଡକୁ ନେଇ ଜିଲା ମାନ୍ୟତା ମିଳିବା ପର୍ଯ୍ୟ ଆନନ୍ଦପୁରବାସୀ ଧାରଣାରେ ବସନ୍ତୁ। ମାତ୍ର କେନ୍ଦୁଝରର ଐତିହ ମାନଚିତ୍ରକୁ ବଦଳାଇବାକୁ ଚେଷ୍ଟା କରନ୍ତୁନାହିଁ। ନୂତନ ଜିଲାରେ ଘଟଗାଁ ବ୍ଲକ୍‌କୁ ବାଦ ଦିଅନ୍ତୁ। ନ ଚେତ୍ ଭବିଷ୍ୟତରେ ଗାଁ ଗାଁରେ ଆନ୍ଦୋଳନ ହେବ। ରାଜ୍ୟ ସରକାର ମଧ ଏଥିପ୍ରତି ଧ୍ୟାନ ଦେବା ଉଚିତ ବୋଲି ମତ ପ୍ରକାଶ ପାଇଛି। ଘଟଗାଁ ଢେଙ୍କିକୋଟ୍‌ର ଗଣମାଧମ ପ୍ରତିନିଧି, ବୁଦ୍ଧିଜୀବୀ, ବଣିକସଂଘ, ବିକାଶ ମଞ୍ଚ, ଘଟଗାଁ ବ୍ଲକ୍ ବିକାଶ ପରିଷଦ, ଘଟଗାଁ ମହୋତ୍ସବ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଏଥିପ୍ରତି ଜିଲାପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଦିବସ


@ଦୀପ୍ତି


@ଉତ୍ସବ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଖତ ଖାଉଛି ଓ୍ୱେ ବ୍ରିଜ୍




କେନ୍ଦୁଝର,୯।୪ (ସ୍ୱ.ପ୍ର.)

ରକ୍ଷଣାବେକ୍ଷଣ ଅଭାବରୁ କେନ୍ଦୁଝର ଜିଲା ସଦର ଥାନା ମୁରୁସୁଆଁ ଟୋଲ୍ ପ୍ଲାଜା ନିକଟରେ ଥିବା ୨ଟି ଓ୍ୱେ ବ୍ରିଜ୍ ଖତ ଖାଉଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଏନ୍ଏଚ୍ ୨୦ର ଦୁଇ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଓ୍ୱେ ବ୍ରିଜ୍ ଏବେ ଜଙ୍ଗଲରେ ପରିଣତ ହୋଇ ନଷ୍ଟ ହୋଇଗଲାଣି। । ଏ ନେଇ ଏନ୍ଏଚ୍ଏଆଇ ପକ୍ଷରୁ କିମ୍ବା ଟୋଲ୍ ଆଦାୟରେ ବ୍ୟସ୍ତ ଠିକା କମ୍ପାନୀ ମଧ କୌଣସି ବ୍ୟବସ୍ଥା କରୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରିକି ଏହି ସ୍ଥାନ ଦ୍ୱୟ ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଦୁର୍ଘଟଣା ଘଟିଲେ ବହୁ କ୍ଷୟକ୍ଷତି ହେବ ବୋଲି ସାମାଜିକ କର୍ମୀ ନିର୍ମଳ ନାୟକ କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲାର ଏହି ରାସ୍ତା ଦେଇ ଦୈନିକ ବହୁ ସଂଖ୍ୟାରେ ଓଭରଲୋଡ୍ ଟ୍ରକ୍, ହାଇଓ୍ୱା, ଟ୍ରେଲର ଚଳାଚଳ କରୁଥିଲେ ହେଁ ସେସବୁର ଧରପଗଡ଼ କରି ସୁବିଧା ଥିବା ସତ୍ତ୍ୱେ ଓଜନ କରାଯାଉନାହିଁ। ଫଳରେ ରାସ୍ତା ଦୁର୍ଘଟଣା ଘଟିବା ସହ ରାସ୍ତା ଭାଙ୍ଗୁଛି। ଦୁଇ ଓ୍ୱେ ବ୍ରିଜ୍‌କୁ ବ୍ୟବହାରଯୋଗ୍ୟ କରିବା ସହ ଏହାର ଦାୟିତ୍ୱରେ ଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କ୍ଷତିପୂରଣ ଆଦାୟ କରାଯାଉ ବୋଲି ସାମାଜିକ କର୍ମୀ ବ୍ରଜ କିଶୋର ରାୟ କହିଛନ୍ତି।

# ‘ଲୋକଙ୍କ ସେବା କରିବା ପାଇଁ ରାଜନୈତିକ ଦଳର ଆବଶ୍ୟକତା ନାହିଁ’

ଭଣ୍ଡାରିପୋଖରୀ, ୯।୪ (ସ୍ୱ.ପ୍ର.)

ରାଜନୈତିକ ଦଳଗୁଡ଼ିକ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଛନ୍ତି। ଲୋକଙ୍କ ସେବା କରିବା ପାଇଁ ରାଜନୈତିକ ଦଳର ଆବଶ୍ୟକତା ନାହିଁ। ଭାରତର ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଦୃଢ଼ ଆସ୍ଥା ରଖି ସାଧାରଣ ଜନତାଙ୍କୁ ଗଣତନ୍ତ୍ରର ମୂଲ୍ୟବୋଧ ସମ୍ପର୍କରେ ସଚେତନ କରାଇବା ସହ ସୁସ୍ଥ, ବିକଶିତ ଓ ଶିକ୍ଷିତ ସମାଜ ଗଠନର ଲକ୍ଷ୍ୟ ରଖି ନିଜ ଚିନ୍ତାଧାରାରେ ଲୋକଙ୍କ ସେବା କରିବାକୁ ସଂକଳ୍ପ ନେଇ କାମ କରିବେ। ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ତଥା ଓଡ଼ିଶା ପ୍ରଗତି ଦଳର ପୂର୍ବତନ ରାଜ୍ୟ ଉପସଭାପତି ଉତ୍କଳ କେଶରୀ ବିଶ୍ୱାଳ ରବିବାର ବାରିକପୁରସ୍ଥିତ କଲ୍ୟାଣ ମଣ୍ଡପରେ ଆହୂତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସମାଜର ତଳସ୍ତରରେ ରହୁଥିବା ଲୋକେ ଏବେବି ରାଜନୈତିକ ଦଳଗୁଡ଼ିକ ଦ୍ୱାରା ପ୍ରତାରିତ ହୋଇ ବିଭିନ୍ନ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ସେମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇବା ସହ ସେମାନଙ୍କ ସେବା ପ୍ରତି ସମର୍ପିତ ରହିବେ। ସୁସ୍ଥ ଓ ଉନ୍ନତ ସମାଜ ଗଠନ ପାଇଁ ଆଗ୍ରହୀ ଯୁବକମାନେ ତାଙ୍କ ସହ ହାତ ମିଳାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଅଶୋକ ରାଉତ ଓ ଡିଟି ସନ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

